ପ୍ରେସ୍ ନୋଟ୍

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ରାଲି ଅନୁଷ୍ଠିତ ।

ଅନୁଗୋଳ, ତା,୨.୧୧:- ଅକ୍ଟୋବର ୩୦ ତାରିଖରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହେଉଛି । ଏହି ଉପଲକ୍ଷେ ଆଜି ପୂର୍ବାହ୍ନ ୮ ଘଟିକା ସମୟରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ରାଲି ଓ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରାତିମୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରାଲି ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା । ଏହି ରାଲିରେ ପି.ଟି.ସି ନୋଡାଲ ଉଚ୍ଚ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଟାଉନ୍ ଉଚ୍ଚ ବିଦ୍ୟାଳୟ ଓ ଏନ୍ ଏ ସି ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରି ଦୁର୍ନୀତି ବିରୋଧୀ ବିଭିନ୍ନ ପ୍ଲା-କାର୍ଡ ପ୍ରଦର୍ଶନ ସହ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ । ସେହିପରି ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍ ସଦର ମହକୁମାରେ ପରିକ୍ରମା କରି ଦୁର୍ନୀତି ବିରୋଧୀ ସ୍ଲୋଗାନ ଦ୍ୱାରା ଜନସଚେତନତା କରାଇଥିଲା । ଏହି ରାଲିରେ ଉପ ଆରକ୍ଷୀ ଅଧିକ୍ଷକ(ଭିଜିଲାନ୍ସ) ଶ୍ରୀ ପ୍ରଦିପ କୁମାର ସାମଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଅମ୍ବୁଜ କୁମାର ଗଡନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଓ ବିଭାଗୀୟ କର୍ମଚାରୀମାନେ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୬୫୪ ତା. ୨.୧୧. ୨୦୨୩ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,

ଅନୁଗୋଳ ।


SUB COLLECTOR & SUB-DIVISIONAL MAGISTRATE
ANGUL
ଦୁର୍ନିତୀ କରିବା ନାହିଁ
କରାଇ ଦେବା ନାହିଁ ।
ଦୁର୍ନିତୀର ପତନ
ଦେଶର ଉତ୍‌ଥାନ ।


Say no to Corruption, Commit to the Nation
ଦୁର୍ନିତୀର ପତନ
ଦେଶର ଉତ୍‌ଥାନ ।